# NATIONAL NEWS BULLETIN (ODIA)

## 13 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଜଣଙ୍କୁ ବାଦ ଦେଇ ସମସ୍ତ ଯାତ୍ରୀ ଓ କ୍ରୁ-ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ଏୟାର୍ ଇଣ୍ଡିଆର ସୂଚନା ।
- ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରବର୍ଗଙ୍କୁ ୧ କୋଟି ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ଟାଟା ଗ୍ରୁପ୍ ଅଧ୍ୟକ୍ଷ ।
- ବିମାନ ଦୁର୍ଘଟଣା ସ୍ଥଳ ପରିଦର୍ଶନ ସହ ହସ୍ପିଟାଲ୍‌ରେ ଆହତମାନଙ୍କୁ ଭେଟିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ବିଶ୍ୱର ବିଭିନ୍ନ ଦେଶର ନେତୃବୃନ୍ଦଙ୍କ ଅହମ୍ମଦାବାଦ ବିମାନ ଦୁର୍ଘଟଣା ନେଇ ଗଭୀର ଶୋକ ପ୍ରକାଶ ।

ଏବଂ

- ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍‌ରେ ଭାରତକୁ ୨-୧ ଗୋଲ୍‌ରେ ପରାସ୍ତ କଲା ଆର୍ଜେଣ୍ଟିନା ।

# ଏଆର୍ ଇଣ୍ଡିଆ କ୍ରାସ୍

ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଅହମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ କାର୍ଯ୍ୟ ଆରମ୍ଭ କରିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି,  ଆନ୍ତର୍ଜାତିକ ପ୍ରୋଟକଲ ଅନୁଯାୟୀ ଘଟଣାର ତଦନ୍ତ କରାଯିବ । ମନ୍ତ୍ରୀ କହିଛନ୍ତି, ସରକାର ଦୁର୍ଘଟଣାର ସମସ୍ତ ଦିଗ ଉପରେ ତଦନ୍ତ କରିବା ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରୁଛନ୍ତି । ସମ୍ପୃକ୍ତ କମିଟି ଦୁର୍ଘଟଣାର କାରଣ ଯାଞ୍ଚ କରିବା ସହ ଭବିଷ୍ୟତରେ ଯେଭଳି ଏହାର ପୁନରାବୃତ୍ତି ନ ହେବ ସେ ନେଇ ନିରାପତ୍ତା କିଭଳି ସୁଦୃଢ଼ କରାଯାଇ ପାରିବ ପ୍ରସ୍ତାବ ଦେବେ ।

ଇତିମଧ୍ୟରେ ଏୟାର୍ ଇଣ୍ଡିଆ ପକ୍ଷରୁ ଲଣ୍ଡନ ଅଭିମୁଖେ ଯାଉଥିବା ଦୁର୍ଘଟଣା ଗ୍ରସ୍ତ ବିମାନରେ ଥିବା ୨୪୧ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଛି । ବୋଇଂ ୭୮୭-୮ ବିମାନରେ  ଯାତ୍ରୀ ଏବଂ ବିମାନ ପରିଚାଳନା ସଦସ୍ୟଙ୍କୁ ମିଶାଇ ୨୪୨ଜଣ ଥିଲେ । ସେମାନଙ୍କ ମଧ୍ୟରେ ୧୬୯ ଜଣ ଭାରତୀୟ ଥିବା ବେଳେ ୫୩  ଜଣ ବ୍ରିଟିଶ୍, ୭ ଜଣ ପର୍ତ୍ତୁଗୀଜ୍ ଏବଂ ଜଣେ କାନାଡ଼ାର ନାଗରୀକ ଥିଲେ । ମୃତକଙ୍କ ମଧ୍ୟରେ ବିମାନ ବାହାରେ ଥିବା ଅନେକ ଲୋକ ଅଛନ୍ତି । ମୃତକଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ବିଜୟ ରୁପାଣି ଅଛନ୍ତି । ବିଶ୍ୱାସ କୁମାର ରମେଶ ନାମକ ଜଣେ ଯାତ୍ରୀ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି ।

ସୂଚନା ଅନୁଯାୟୀ ବିମାନଟି ଅପରାହ୍ଣ ଗୋଟାଏ ୩୯ ମିନିଟ୍‌ରେ ଉଡ଼ାଣ ଆରମ୍ଭ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ପାଇଲଟ

ଜରୁରୀକାଳୀନ ମେ ଡେ’ କଲ୍ ଦେଇଥିଲେ । ସେହି ବିମାନରେ ମୁଖ୍ୟ ପାଇଲଟ ଭାବେ କ୍ୟାପ୍ଟେନ୍ ସୁମିତ ସଭରୱାଲ ଓ ଫାଷ୍ଟ ଅଫିସର୍ କ୍ଲାଇଭ କୁନ୍ଦର ଦାୟିତ୍ୱରେ ଥିଲେ । ସଭରୱାଲଙ୍କର ୮ ହଜାର ୨୦୦ ଘଣ୍ଟାର ଉଡ଼ାଣ କରିଥିବା କ୍ଷମତା ଥିବାବେଳେ କୁନ୍ଦରଙ୍କ ୧ହଜାର ୧୦୦ ଘଣ୍ଟା ଉଡ଼ାଣ କ୍ଷମତା ରହିଥିଲା । ବିମାନ ନିର୍ମାତା ବୋଇଂ ପକ୍ଷରୁ କୁହାଯାଇଛି, ଦୁର୍ଘଟଣାର ତଦନ୍ତ କାର୍ଯ୍ୟରେ କମ୍ପାନୀ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ । ବିଶ୍ୱରେ ବୋଇଂ ବିମାନ ଦୁର୍ଘଟଣା ହେବା ମାତ୍ର ୪ ପ୍ରତିଶତ ଅଟେ । ଏହି ବିମାନଟି ୨୦୧୪ ମସିହାରେ ଏଆର୍ ଇଣ୍ଡିଆକୁ ଦିଆଯାଇଥିଲା ।

ଟାଟା ଗ୍ରୁପ୍ ଅଧ୍ୟକ୍ଷ ଏ. ଚନ୍ଦ୍ରଶେଖରନ୍ ଘୋଷଣା କରିଛନ୍ତି, ପ୍ରତ୍ୟେକ ମୃତକଙ୍କ ପରିବାରବର୍ଗଙ୍କୁ ୧ କୋଟି ଟଙ୍କା ଲେଖାଏଁ ସହାୟତା ଦିଆଯିବ । କମ୍ପାନୀ ଆହତମାନଙ୍କ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବା ସହ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ବି.ଜେ. ମେଡିକାଲ କଲେଜ୍‌ର ହଷ୍ଟେଲ୍‌ର ପୁନଃ ନିର୍ମାଣ କରିବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ବିମାନ ଦୁର୍ଘଟଣାର କିଛି ଘଣ୍ଟା ମଧ୍ୟରେ ଅହମ୍ମଦାବାଦରେ ପହଞ୍ଚିଥିଲେ । ସେ ମଧ୍ୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଶାହା କହିଥିଲେ, ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ନେଇ ସାରା ଦେଶ ସ୍ତବ୍ଧ

ହୋଇଯାଇଛି । ମୃତକଙ୍କ ପରିବାର ପ୍ରତି ସାରା ଦେଶ ସମବେଦନା ପ୍ରକାଶ କରୁଛି ।

**V/O-Amit Saha-Condolence**

ଏହି ଘଟଣାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଥିବା ଶ୍ରୀ ଶାହା କହିଛନ୍ତି ।

**V/O-Amit Saha-Inquiry**

ବିମାନ ଦୁର୍ଘଟଣାରେ ଆହତମାନେ ଚିକିତ୍ସା ହେଉଥିବା ସିଭିଲ୍ ହସ୍ପିଟାଲ୍ ଯାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ଶାହା କହିଛନ୍ତି, ଦୁର୍ଘଟଣା ପରେ ଗୁଜରାଟ ସରକାର ବିପର୍ଯ୍ୟୟ ପରିଚାଳନା ୟୁନିଟ୍‌କୁ ସକ୍ରିୟ ଭାବେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିସମ, ପୋଲିସ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀକୁ ନିୟୋଜିତ କରାଯାଇଥିଲା । ଉଭୟ ଗୁଜରାଟ ଏବଂ ଭାରତ ସରକାର ମିଳିତ ଭାବେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ କରିଛନ୍ତି ।

**V/O-Amit Saha-Joint**

ଶ୍ରୀ ଶାହା କହିଛନ୍ତି, ଦୁର୍ଘଟଣା ଗ୍ରସ୍ତ ବିମାନରେ ଉଭୟ ଦେଶ ଏବଂ ବିଦେଶର ୨୩୦ ଜଣ ଯାତ୍ରୀଙ୍କ ସମେତ ୧୨ ଜଣ କ୍ରୁ-ସଦସ୍ୟ ଥିଲେ । ଦୁର୍ଘଟଣାରେ ଜୀବିତ ଥିବା ଏକ ମାତ୍ର ବ୍ୟକ୍ତିଙ୍କୁ ଶ୍ରୀ ଶାହା ହସ୍ପିଟାଲ୍‌ରେ ଭେଟିଥିଲେ । ତେବେ ଡି.ଏନ୍.ଏ. ପରୀକ୍ଷା ପରେ ସମସ୍ତଙ୍କ ପରିଚୟ ନିଶ୍ଚିତ ହେବା ପରେ ମୋଟ୍ ମୃତକଙ୍କ ସଂଖ୍ୟା ଜଣାପଡ଼ିବ ବୋଲି ସେ କହିଛନ୍ତି । ମୃତକଙ୍କ ପରିବାରବର୍ଗଙ୍କୁ ଦୁର୍ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି ଏବଂ

ସେମାନେ ପହଞ୍ଚିବା ପରେ ଡି.ଏନ୍.ଏ. ସାମ୍ପୁଲ୍ ସଂଗ୍ରହ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O-Amit Saha-On DNA**

ଶ୍ରୀ ଶାହା କହିଛନ୍ତି, ଗୁଜରାଟ୍ ଫରେନ୍‌ସିକ୍ ସାଇନ୍ସ ପରୀକ୍ଷାଗାର ଏବଂ ନ୍ୟାସନାଲ୍ ଫରେନ୍‌ସିକ୍ ସାଇନ୍ସ  ବିଶ୍ୱ ବିଦ୍ୟାଳୟରେ ସମସ୍ତ ଡି.ଏନ୍.ଏ. ପରୀକ୍ଷା କରାଯିବ । ଏହାପରେ ମୃତକଙ୍କ ପରିବାରବର୍ଗଙ୍କୁ ମୃତ ଦେହ ହସ୍ତାନ୍ତର କରାଯିବ ।

# ପ୍ଲେନ୍ କ୍ରାସ୍-କଣ୍ଡୋଲେନ୍ସ

ଅହମ୍ମଦାବାଦ ବିମାନ ଦୁର୍ଘଟଣା ଘଟଣାରେ ବିଭିନ୍ନ ଦେଶର ନେତୃବୃନ୍ଦ ଦୁଃଖ ପ୍ରକାଶ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଃଖ ପ୍ରକାଶ କରିବା ସହ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବା ଲାଗି କହିଛନ୍ତି । ସେ କହିଛନ୍ତି, ଏଭଳି ଘଟଣାର ମୁକାବିଲା ଲାଗି ଭାରତ ସମର୍ଥ । ତେବେ କୌଣସି ପ୍ରକାରର ସହାୟତା କରିବା ଲାଗି ଆମେରିକା ପ୍ରସ୍ତୁତ ରହିଛି । ସେ କହିଛନ୍ତି, ବିମାନଟି ଉଡ଼ାଣ ଆରମ୍ଭ କରିବା ବେଳେ ଠିକ୍ ଠାକ୍ ଲାଗୁଥିଲେ ମଧ୍ୟ କୌଣସି କାରଣ ଯୋଗୁଁ ବିମାନ ଇଞ୍ଜିନ୍‌କୁ ଶକ୍ତି ଯୋଗାଣ ବ୍ୟାହତ ହୋଇଥାଇପାରେ । ବିମାନ ଚଳାଚଳ ଇତିହାସରେ ଏହା ସବୁଠାରୁ ଦୁଃଖଦ ଘଟଣା ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ଶୋକବାର୍ତ୍ତା ପଠାଇଛନ୍ତି ।

ମାଲଦୀପ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଭାରତର ଜନସାଧାରଣଙ୍କ ସହ ମାଲଦୀପ ରହିଛି ବୋଲି କହିଛନ୍ତି । କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି କହିଛନ୍ତି, ଦୁର୍ଘଟଣା ପରେ ଭାରତୀୟ ଅଧିକାରୀଙ୍କ ସହ କାନାଡ଼ା ସରକାର ନିରନ୍ତର ଯୋଗାଯୋଗରେ ଅଛନ୍ତି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍ସ୍କି ସାମାଜିକ ଗଣମାଧ୍ୟମରେ ଅହମ୍ମଦାବାଦ ବିମାନ  ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ୟୁରୋପୀୟ ସଂଘର ଅଧ୍ୟକ୍ଷ ମଧ୍ୟ ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦ ବୋଲି ବର୍ଣ୍ଣନା କରିଛନ୍ତି । ଲଣ୍ଡନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏହି ବିମାନ ଦୁର୍ଘଟଣାରେ ବ୍ରିଟିଶ୍ ନାଗରିକମାନଙ୍କ ମୃତ୍ୟୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ, ଫ୍ରାନ୍ସ ରାଷ୍ଟ୍ରପତି ଏବଂ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିମାନ ଦୁର୍ଘଟଣା ଘଟଣାରେ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ଆହତମାନଙ୍କ ଆଶୁଆରୋଗ୍ୟ କାମନା କରି ଜାତିସଂଘ ସାଧାରଣ ସଭା ଅଧ୍ୟକ୍ଷ ଫିଲେମନ ୟଙ୍ଗ ସାମାଜିକ ଗଣମାଧ୍ୟମରେ ମୃତକଙ୍କ ପରିବାର ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

ମିଜୋରାମ ରାଜ୍ୟପାଳ ଜେନେରାଲ୍ ବିଜୟ କୁମାର ସିଂହ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ଜେନେରାଲ୍ ସିଂହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ

କରିଛନ୍ତି । ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲ୍ ଦୁହୋମା ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ମଧ୍ୟରେ ମିଜୋରାମର ଜଣେ ୨୮ ବର୍ଷୀୟ କ୍ରୁ-ସଦସ୍ୟ ରହିଥିବା ଜଣାପଡ଼ିଛି ।

## ଜ୍ଞାନପୋଷ୍ଟ

ଭାରତୀୟ ଡାକ ବିଭାଗ ପକ୍ଷରୁ ସହଜ ଏବଂ ସୁବିଧାରେ ପାଠ୍ୟପୁସ୍ତକ ତଥା ଧାର୍ମିକ, ସାଂସ୍କୃତିକ ଏବଂ ସାମାଜିକ ପୁସ୍ତକ ଗୁଡ଼ିକୁ ପଠାଇବା ଲାଗି ଜ୍ଞାନ ପୋଷ୍ଟ ବ୍ୟବସ୍ଥା ଆରମ୍ଭ କରିଛି । ନୂଆ ଶିକ୍ଷାନୀତି ଅଧୀନରେ ଯେପରି ସାରା ଦେଶର ସବୁ ଅଞ୍ଚଳକୁ ପୁସ୍ତକ ଯୋଗାଇ ଦିଆଯାଇପାରିବ ସେ ନେଇ ଜ୍ଞାପନ ପୋଷ୍ଟ ଆରମ୍ଭ କରାଯାଇଛି । ଏଥିରେ ୩୦୦ ଗ୍ରାମ ଓଜନ ପର୍ଯ୍ୟନ୍ତ ୨୦ ଟଙ୍କା ନିର୍ଦ୍ଧାରିତ କରାଯାଇଥିବା ବେଳେ ୫ କିଲୋଗ୍ରାମ ପର୍ଯ୍ୟନ୍ତ ୧୦୦ ଟଙ୍କା ମଧ୍ୟରେ ଦେୟ ରଖାଯାଇଛି । ଏହି ବ୍ୟବସ୍ଥାରେ ଉପଭୋକ୍ତାମାନଙ୍କୁ ଟ୍ରାକିଂ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି । ଦେଶର ପ୍ରତ୍ୟେକଟି ପୋଷ୍ଟ ଅଫିସ୍‌ରେ ଏହି ସୁବିଧା ମିଳିବ ବୋଲି ଜଣାପଡ଼ିଛି ।

## ଏନ୍‌ଆଇଏ-ସର୍ଚ୍ଚେସ୍

ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଅମୃତସର ପୋଲିସ୍ ପୋଷ୍ଟ ଗ୍ରେନେଡ୍ ଆକ୍ରମଣ ଘଟଣାରେ ପଞ୍ଜାବ ଏବଂ ହରିଆଣାର ଅନେକ ସ୍ଥାନରେ ଚଢ଼ାଉ କରିଛି । ବାବର ଖାଲସା ଆନ୍ତର୍ଜାତିକ ଆତଙ୍କୀ ସଂଗଠନ ସହ ସମ୍ପର୍କିତ ସ୍ଥାନ ଗୁଡ଼ିକ ଉପରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି ।

ଏନ୍.ଆଇ.ଏ. ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପଞ୍ଜାବର ଅମୃତସର, ତରନତାରନ, ଫିରୋଜପୁର, ପଠାନକୋଟ୍, କପୁରତାଲା, ରୁପନଗର ଏବଂ ହରିଆଣାର ଶୀର୍ଷାରେ ଗତକାଲି ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ମୋବାଇଲ୍ ଫୋନ୍, ଡିଜିଟାଲ ଯନ୍ତ୍ରାଂଶ, ସନ୍ଦେହ ଜନକ ଦସ୍ତାବିଜ୍ ଜବତ ହୋଇଥିବା ଜଣାପଡ଼ିଛି ।

## ହକି – ଏଫ୍ଆଇଏଚ୍ ପ୍ରୋ ଲିଗ୍

ନେଦରଲାଣ୍ଡରେ ଚାଲିଥିବା ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ର ଗତକାଲିର ମ୍ୟାଚ୍ରେ ଆର୍ଜେଣ୍ଟିନା ୨-୧ ଗୋଲ୍ରେ ଭାରତକୁ ପରାସ୍ତ କରିଛି । ଭାରତ ପକ୍ଷରୁ ଯୁଗରାଜ ସିଂହ  ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଟିଏ ଗୋଲ୍ ଦେଇଥିବା ବେଳେ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଉଭୟ ଦଳ ୧-୧ ଗୋଲ୍ରେ ସମାନ ସ୍ଥିତିରେ ରହିଥିଲେ । ତେବେ ଖେଳର ୪୯ତମ ମିନିଟ୍ରେ ଆର୍ଜେଣ୍ଟିନା ଦ୍ୱିତୀୟ ଗୋଲ୍ କରିବାରେ ସକ୍ଷମ ହୋଇଥିଲା । ଏହି ପ୍ରତିଯୋଗିତାରେ ଭାରତ ୧୨ଟି ମ୍ୟାଚ୍ରୁ ୧୫ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି । ଆସନ୍ତାକାଲି ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପରବର୍ତ୍ତି ମ୍ୟାଚ୍ ଅନୁଷ୍ଠିତ ହେବ ।